ପାଠ-୩

# ‘ଈ’(ୀ) କାର

## STUDY NOTES

- **At a Glance:**

  ‘ଈ’ କାର (ୀ) ମାତ୍ରାର ଚିହ୍ନଟ।

  ‘କ’ ପାଖରେ (ୀ) ଚିହ୍ନଟିଏ ଦେଲେ ତାହା ‘ଈ’ କାର ଯୋଗ ହୁଏ। ଏହିଭଳି ‘କ’ ଠାରୁ ‘ଳ’ ପର୍ଯ୍ୟନ୍ତ (ୀ) ଚିହ୍ନ ଦେଲେ ତାହା-

| | | | | | | | | | | |
|---|---|---|---|---|---|---|---|---|---|---|
| କୀ | ଖୀ | ଗୀ | ଘୀ | ଚୀ | ଛୀ | ଜୀ | ଝୀ | ଟୀ | ଠୀ | ଡୀ |
| ଢୀ | ଣୀ | ତୀ | ଥୀ | ଦୀ | ଧୀ | ନୀ | ପୀ | ଫୀ | ବୀ | ଭୀ |
| ମୀ | ଯୀ | ରୀ | ଳୀ | ଶୀ | ଷୀ | ସୀ | ହୀ | କ୍ଷୀ | ୟୀ | ଲୀ |

  ଉଚ୍ଚାରଣ ହେବ।

- ମାତ୍ରା ଯୋଗ ଅକ୍ଷର ଲିଖନ।

  ଯଥା:- କ୍ + ଈ = କୀ

  ଖ୍ + ଈ = ଖୀ

- ମାତ୍ରା ଯୋଗ ଶବ୍ଦ ଗଠନ ଓ ଉଚ୍ଚାରଣ।

| | | |
|---|---|---|
| ଶୀତ | ଶରୀର | ବୀଣାପାଣି |
| ଗୀତ | ଧୀବର | ମହାନଦୀ |
| ରାଣୀ | ଜନନୀ | ଦୀପାବଳୀ |
| ବାଣୀ | ରଜନୀ | ଆଜୀବନ |
| ଧନୀ | କାହାଣୀ | ମହାଦୀପ |
| ନାନୀ | ଭଉଣୀ | ବିପରୀତ |
| ନଦୀ | ଜୀବନ | ପୀତବାସ |

- ଗୀତ ମାଧ୍ୟମରେ ‘ଇ’ କାର ଯୋଗର ପ୍ରୟୋଗ।

ଶୀତଳ ସମୀର ବହଇ ଧୀର
ତରଣୀ ଭାସଇ ନଦୀର ତୀର।
ଗଭୀର ନଦୀକି ଧୀବର ଯାଇ
ମୀନ ଧରିଅଛି ଜାଲ ପକାଇ।

ରଜନୀ ପାହିଲା କାହାଳୀ ବାଜିଲା
ଗୀତ ଆସିଲାଣି ଭାସି
ଆସଯିବା ମୀରା ମଠ ପାଖ ପରା
ଧରିଣ କଦଳୀ ରାଶି।

ରଜନୀ ରାଣୀକି ଭଲ ଲାଗିଥାଏ
ଆକାଶର ଶଶୀ ତାରା।
ଭାରତବାସୀର ଆପଣାର ବାନା
ଜାତୀୟ ପତାକା ପରା।

ପକ୍ଷୀ ଭଲ ପାଏ ନୀଳ ଆକାଶଟି
ମୀନ ଗହୀରିଆ ଜଳ
ଧନୀ ଭଲପାଏ ଧନ ଦଉଲତ
ମାଆ ପିଲାଟିର ବଳ।

**LEARNING OBJECTIVE:**

‘ଇ’ (ി) କାର ଯୋଗର ବ୍ୟବହାର ଶିଖିବା।

ODM EDUCATIONAL GROUP Changing your Tomorrow

# ତୁମ ପାଇଁ କାମ

## ୧. ‘କ’ ସ୍ତମ୍ଭ ସହ ‘ଖ’ ସ୍ତମ୍ଭର ଶବ୍ଦ ଯୋଡ଼ ।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| ଶୀତଳ | କଦଳୀ |
| ଜାତୀୟ | ଭଉଣୀ |
| ପାଚିଲା | ପତାକା |
| ଭାଇ | ରାଣୀ |
| ରାଜା | ଜଳ |

(Arrows drawn: ଶୀତଳ → ଜଳ, ଜାତୀୟ → ପତାକା, ପାଚିଲା → କଦଳୀ, ଭାଇ → ଭଉଣୀ, ରାଜା → ରାଣୀ)

## ୨. ଇଂରାଜୀରୁ ଓଡ଼ିଆ କର ।

Bird- ପକ୍ଷୀ

Song- ଗୀତ

River- ନଦୀ

Elephant- ହାତୀ

Queen- ରାଣୀ

Sister- ଭଉଣୀ

## ୩. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଛବି ତଳେ ଲେଖ ।

(ହାତୀ, ମୀନ, କଦଳୀ, ପକ୍ଷୀ, ନାଉରୀ, ଦୀପ)



ହାତୀ



ମୀନ



କଦଳୀ



ପକ୍ଷୀ



ଦୀପ



ତରଣୀ

ODM EDUCATIONAL GROUP Changing your Tomorrow

## ୪. ଖାଲି ଜାଗା ପୂରଣ କର ।

| | | |
|---|---|---|
| ଶ <u>ରୀ</u> ର | <u>ପୀ</u> ତବାସ | <u>ଧୀ</u> ବର |
| ମହା <u>ଦୀ</u> ପ | ଜନ <u>ନୀ</u> | ବିପ <u>ରୀ</u> ତ |
| କାହା <u>ଣୀ</u> | ଆ <u>ଜୀ</u> ବନ | ନ <u>ମା</u> ମି |

## ୫. ସଜାଡ଼ି ଲେଖ ।

| | | | | | |
|---|---|---|---|---|---|
| ରଶରୀ | - | ଶରୀର | ନଜୀବ | - | ଜୀବନ |
| ବଧୀର | - | ଧୀବର | ଣାବୀପାଣି | - | ବୀଣାପାଣି |
| ଣୀକାହା | - | କାହାଣୀ | ଜରନୀ | - | ରଜନୀ |
| ପବିରୀତ | - | ବିପରୀତ | ତପୀବାସ | - | ପୀତବାସ |
| ହାମନଦୀ | - | ମହାନଦୀ | | | |

## ୬. ‘କ’ଠାରୁ ‘ଳ’ ପର୍ଯ୍ୟନ୍ତ (1) ‘ଈ’କାର ଲଗାଇ ଶବ୍ଦ ଲେଖ ।

| | | | | | | | | |
|---|---|---|---|---|---|---|---|---|
| କ | - | କାହାଳୀ | ଖ | - | ଖୀରା | ଗ | - | ଗୀତ |
| ଘ | - | ଘାଟୀ | ଚ | - | ଚଉଁରୀ | ଛ | - | ଛାଉଁଣୀ |
| ଜ | - | ଜୀବନ | ଝ | - | ଝରୀ | ଟ | - | ଟୀକା |
| ଠ | - | ଠାକୁରାଣୀ | ଡ | - | ଡାହାଣୀ | ଢ | - | ଢଗଢମାଳୀ |
| ତ | - | ତୀର | ଥ | - | ଥୋଇଲୀ | ଦ | - | ଦୀନ |
| ଧ | - | ଧୀବର | ନ | - | ନୀଳ | ପ | - | ପୀତବାସ |
| ଫ | - | ଫାଲ୍‌ଗୁନୀ | ବ | - | ବୀର | ଭ | - | ଭୀତ |
| ମ | - | ମୀନ | ଯ | - | ଯାମିନୀ | ର | - | ରାଣୀ |
| ଶ | - | ଶୀତ | ଷ | - | ଷଠୀ | ସ | - | ସମୀର |
| ହ | - | ହୀରା | କ୍ଷ | - | କ୍ଷୀର | | | |

# ବ୍ୟାକରଣ

- **ସମାନ ଉଚ୍ଚାରଣ ଶବ୍ଦ ଲେଖ ।**

| | | | |
|---|---|---|---|
| ଶୀତ | - ଗୀତ | ରାଣୀ | - ବାଣୀ |
| ଜନନୀ | - ରଜନୀ | ମାନୀ | - ଧନୀ |
| କାହାଣୀ | - ଭଉଣୀ | ଶରୀର | - ଧୀବର |
| ଜୀବନ | - ନବୀନ | ଧୀର | - ତୀର |

# ଶବ୍ଦାବଳୀ

- **ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ।**




ଧନୀ

ମାନୀ

ନାନୀ




ରାଣୀ

ବାଣୀ

କାହାଣୀ

ଭଉଣୀ

ODM EDUCATIONAL GROUP
Changing your Tomorrow

♦♦♦